# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**09th May – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ଭାରତର ଏକତା ଆଗରେ ପାକିସ୍ତାନର ସାମ୍ପ୍ରଦାୟିକତା ସୃଷ୍ଟି ଉଦ୍ୟମ ହାର ମାନିଛି; କହିଲେ ବୈଦେଶିକ ସଚିବ
- ସାମ୍ପ୍ରତିକ ଉତ୍ତେଜନାମୂଳକ ପରିସ୍ଥିତିରେ ରାଜ୍ୟବାସୀଙ୍କୁ ଭୟଭୀତ ନ ହେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

— ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡି

- ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ଅବକାରୀ ନୀତି ଆସିବା ନେଇ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

ଏବଂ

- ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ ଆଜି ପୂରିଲା ୧୦ ବର୍ଷ

# ଅପରେସନ ସିନ୍ଦୂର

ଅପରେସନ ସିନ୍ଦୂର ଅନ୍ତର୍ଗତ ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନାମୂଳକ ପରିସ୍ଥିତି ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବୈଠକରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ ସୋଫିଆ କ୍ୟୁରେସୀ ଏବଂ ଓ୍ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଉପସ୍ଥିତ ରହି ଗତ ଦୁଇଦିନ ଧରି ପାକିସ୍ତାନ ପକ୍ଷରୁ ସୃଷ୍ଟି କରାଯାଉଥିବା ଉତ୍ତେଜନାମୂଳକ ପରିସ୍ଥିତି ଏବଂ ଆକ୍ରମଣ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ପାକିସ୍ତାନ ଗତ ରାତିରେ ଭାରତୀୟ ସହର, ନାଗରିକ ଏବଂ ସାମରିକ ଭିତ୍ତିଭୂମିକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବାବେଳେ ଭାରତୀୟ ସଶସ୍ତ୍ରବାହିନୀ ପକ୍ଷରୁ ଏହାକୁ ନିଷ୍କ୍ରିୟ କରାଯାଇଛି। ଭାରତୀୟ ସେନା ଅତ୍ୟନ୍ତ ପରିପକ୍ୱତା ଓ ଦାୟିତ୍ୱପୂର୍ଣ୍ଣ ଭାବେ ଆକ୍ରମଣକୁ ପ୍ରତିହତ କରୁଥିବା ଶ୍ରୀ ମିଶ୍ରି ସମ୍ମିଳନୀରେ ସୂଚନା ଦେଇଛନ୍ତି। ବିଭ୍ରାନ୍ତିକର ଓ ଗୁଜବ ପ୍ରସାରଣ କରି ପାକିସ୍ତାନ ସାମ୍ପ୍ରଦାୟିକତା ସୃଷ୍ଟି ପାଇଁ ଉଦ୍ୟମ କରୁଥିବାବେଳେ ଭାରତର ଦୃଢ଼ ଏକତା ପାକିସ୍ତାନ ପାଇଁ ବିରାଟ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଶ୍ରୀ ମିଶ୍ରି କହିଛନ୍ତି....

**-V/O-***(Bikram Misri)*

ପାକିସ୍ତାନୀ ସେନା ଗତ ୭ ଏବଂ ୮ ତାରିଖ ରାତିରେ ଭାରତୀୟ ସାମରିକ ଭିତ୍ତିଭୂମିକୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ବାରମ୍ବାର ଭାରତୀୟ

ବାୟୁ ସୀମା ଉଲ୍ଲଙ୍ଘନ କରିଛି। ଏହା ସହ ୩୦୦ ରୁ ୪୦୦ଟି ଡ୍ରୋନ୍‌ର ବ୍ୟବହାର କରି ଭାରତର ୩୬ଟି ସ୍ଥାନରେ ଅନୁପ୍ରବେଶ ପାଇଁ ଉଦ୍ୟମ କରିଥିବା କର୍ଣ୍ଣେଲ ସୋଫିଆ କ୍ୟୁରୋସୀ କହିଛନ୍ତି। ପାକିସ୍ତାନ ପକ୍ଷରୁ ନିୟନ୍ତ୍ରଣ ରେଖା ନିକଟରେ ସଶସ୍ତ୍ର ଡ୍ରୋନ୍ ବ୍ୟବହାର କରାଯାଇ ତୋପ ଆକ୍ରମଣ କରାଯାଇଛି। ଏଥିରେ କିଛି ସେନା କର୍ମଚାରୀ ଆହତ ହୋଇଛନ୍ତି। ଭାରତର ପାଲଟା ଜବାବରେ ପାକିସ୍ତାନ ସେନାର ଅନେକ କ୍ଷୟକ୍ଷତି ହୋଇଥିବା କର୍ଣ୍ଣେଲ କ୍ୟୁରୋସୀ କହିଛନ୍ତି.....

**-V/O-***(Sophia Qureshi)*

ଏପରିକି ପାକିସ୍ତାନ ତୁର୍କି ଡ୍ରୋନ୍‌ର ବ୍ୟବହାର କରୁଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟର ପକ୍ଷରୁ କୁହାଯାଇଛି। ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି କର୍ତ୍ତାରପୁରସାହିବ କରିଡରକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

## ମୁଖ୍ୟମନ୍ତ୍ରୀ

ଭାରତ-ପାକିସ୍ତାନ ଉତ୍ତେଜନା ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆତଙ୍କବାଦୀମାନଙ୍କ ନିପାତ ପାଇଁ ଭାରତ ସଂକଳ୍ପ ନେଇଛି। ଯୋଜନାବଦ୍ଧ ଆକ୍ରମଣ କରାଯାଇ ଆତଙ୍କବାଦୀଙ୍କୁ ନିପାତ କରାଯାଉଛି। ଆମ ରାଜ୍ୟରେ ଥିବା କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଚାନ୍ଦିପୁର, ପୁରୀ, ଆଇଏନ୍‌ଏସ୍ ଚିଲିକା ଭଳି ସ୍ଥାନଗୁଡ଼ିକରେ ବଙ୍ଗୋପସାଗର ପଟୁ ଆକ୍ରମଣର ଆଶଙ୍କା ରହିଛି। କେନ୍ଦ୍ର ସରକାର ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ରାଜ୍ୟରେ

ଯେଉଁ ସାଧାରଣ ବ୍ୟବସ୍ଥା ରହିଛି ସେହି କାର୍ଯ୍ୟ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପୁରୀ ସୁରକ୍ଷା

ଅପରେସନ୍ ସିନ୍ଦୂରକୁ ଦୃଷ୍ଟିରେ ରଖି ଶ୍ରୀଜଗନ୍ନାଥ ମନ୍ଦିର ପୁରୀ ସମେତ କିଛି ଐତିହ୍ୟସ୍ଥଳି ଓ ହୀରାକୁଦ ଭଳି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମନ୍ଦିର ଓ ଏହାର ଆଖପାଖରେ ଅଧିକ ପୁଲିସ୍ ମୁତୟନ କରାଯିବା ସହିତ ପାରିପାର୍ଶ୍ୱିକ ସୁରକ୍ଷାକୁ ଅଧିକ ମଜବୁତ୍ କରାଯାଇଛି। ପୁରୀ ଶ୍ରୀମନ୍ଦିର ସହ ଆମର ଧର୍ମୀୟ ଭାବନା ଜଡ଼ିତ ଥିବାରୁ ରାଜ୍ୟ ସରକାର ଏହା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଚନ୍ତି।

## ଅବକାରୀ ନୀତି

ରାଜ୍ୟ ସରକାର ଚଳିତମାସ ଶେଷ ସୁଦ୍ଧା ରାଜ୍ୟ ଅବକାରୀ ନୀତିର ଘୋଷଣା କରିବେ। ଏହି ନୀତି ୩ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ପୂର୍ବରୁ ଅବକାରୀ ନୀତି କେବଳ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେଉଥିଲା। ଅଧିକ ବିଚାରବିମର୍ଶ ପରେ ରାଜ୍ୟ ସରକାର ଏହି ନୀତିରେ କିଛି ପରିବର୍ତ୍ତନ କରିବାକୁ ଯାଉଛନ୍ତି। ବିଭିନ୍ନ ରାଜ୍ୟର ଅବକାରୀ ନୀତିକୁ ତର୍ଜମା କରାଯାଇ ଏଥିରେ ପରିବର୍ତ୍ତନ ସହ କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଉଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ସୁରକ୍ଷା ବୀମା ଯୋଜନା

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାକୁ ଆଜି ୧୦ ବର୍ଷ ପୂରଣ ହୋଇଛି। ଏହି ଯୋଜନା ଅଧୀନରେ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା,

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନା ଭଳି ୩ଟି ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ। ୨୦୧୫ ମଇ ମାସ ୧୫ ତାରିଖ ଆଜିର ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର କୋଲକାତାଠାରେ ଏହି ଯୋଜନା ଗୁଡ଼ିକର ଶୁଭାରମ୍ଭ କରିଥିଲେ। ନାଗରିକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହି ଯୋଜନା ସେମାନଙ୍କୁ ଅପ୍ରତ୍ୟାଶିତ ପରିସ୍ଥିତି ଏବଂ ଆର୍ଥିକ ଅନିଶ୍ଚିତତାରୁ ସୁରକ୍ଷା ପ୍ରଦାନ କରିଥାଏ। ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ୩ଟି ଜନସୁରକ୍ଷା ଯୋଜନା ଆରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଗତ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ୫୦ କୋଟି ୫୪ ଲକ୍ଷ ଲୋକ ପଞ୍ଜୀକୃତ ହୋଇସାରିଛନ୍ତି।

## ମହୁଲ ଫୁଲ

ମାଲକାନ୍‌ଗିରି ବିଧାୟକ ନରସିଂହ ମାଡକାମୀ ଆଜି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ମହୁଲ ଫୁଲ ବିକ୍ରି ନିମନ୍ତେ ସରକାରୀ ନିୟମାବଳୀ  ସମ୍ପର୍କରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର  ମହୁଲ ଫୁଲ ବିକ୍ରି ପାଇଁ 'ଗୋଖାଦ୍ୟ' ନାମରେ ଲାଇସେନ୍ସ ପ୍ରଦାନ କରୁଛନ୍ତି। ଏହାର ପରିବର୍ତ୍ତନ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ବିଧାୟକ ଅନ୍ୟାନ୍ୟ ନିୟମଗୁଡ଼ିକୁ ସରଳୀକରଣ କରାଯିବା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଓଡ଼ିଶା ନିବାସ କଣ୍ଟ୍ରୋଲ ରୁମ୍

ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ପରିସ୍ଥିତିରେ ଜମ୍ମୁରେ ପାଠ ପଢୁଥିବା ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଫେରାଇ

ଆଣିବା ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସରେ ଏକ କଣ୍ଟ୍ରୋଲରୁମ୍ ଖୋଲାଯାଇଛି। କଣ୍ଟ୍ରୋଲରୁମ୍ ପକ୍ଷରୁ ସ୍ୱତନ୍ତ୍ର ନମ୍ବର ଜାରି ହେବା ସହ ଯୋଗାଯୋଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୂଆଦିଲ୍ଲୀସ୍ଥିତ ଓଡ଼ିଶା ଆବାସିକ କମିଶନର ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାରକୁ ସହାୟତା କରିବା ପାଇଁ କଣ୍ଟ୍ରୋଲରୁମ୍ ପକ୍ଷରୁ ସ୍ୱତନ୍ତ୍ର ନମ୍ବର ଜାରି କରିଛନ୍ତି। ଏହି ନମ୍ବରଗୁଡ଼ିକ ହେଉଛି - ୭୪୨୮୧୩୫୦୪୪ ଏବଂ ୦୧୧ ୨୪୬୭୯୨୦୧

ଏହି କାର୍ଯ୍ୟ ତଦାରଖ ପାଇଁ ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁଗମ ଓଡ଼ିଶା ପ୍ରତ୍ୟାବର୍ତ୍ତନ ନିଶ୍ଚିତ କରିବା ପାଇଁ ନିୟନ୍ତ୍ରଣକକ୍ଷ ଓଡ଼ିଶା ପୁଲିସ୍, ସ୍ୱାସ୍ଥ୍ୟ ବିଭାଗ ଏବଂ ଦିଲ୍ଲୀର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମିଳିତ ସମନ୍ୱୟରେ କାର୍ଯ୍ୟ ଜାରି ରହିଛି।

## ପ୍ରଶାସକଙ୍କୁ ପତ୍ର

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ବିବାଦକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଓ ପ୍ରଶାସକଙ୍କୁ ପତ୍ର ଲେଖିଛନ୍ତି। କେନ୍ଦ୍ରର ଚିଠିରେ ମୁଖ୍ୟ ସଚିବ ଓ ପ୍ରଶାସକମାନଙ୍କୁ ଯୁଦ୍ଧ କିମ୍ବା ଯୁଦ୍ଧପରି ସ୍ଥିତିରେ ଆବଶ୍ୟକୀୟ ଉପାୟ ଓ କୌଶଳର କ୍ରିୟାନ୍ୱୟନ ଉଦ୍ଦେଶ୍ୟରେ ନାଗରିକମାନଙ୍କ ପାଇଁ ନାଗରିକ ସୁରକ୍ଷା ନିୟମ ଅନ୍ତର୍ଗତ ଜରୁରୀକାଳିନ ଶକ୍ତିର ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଶିବରାଜ ସିଂ ଚୌହାନ

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ଦେଶରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟଶସ୍ୟ ମହଜୁଦ୍ ଅଛି । ଯେକୌଣସି ଜରୁରୀକାଳିନ ପରିସ୍ଥିତିରେ ନାଗରିକମାନଙ୍କୁ ଶାନ୍ତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଚଳିତବର୍ଷ କୃଷି ଉତ୍ପାଦନ ଅଧିକ ରହିବା ସହ ଆଗାମୀ ଫସଲ ପାଇଁ ପରିସ୍ଥିତି ମଧ୍ୟ ଅନୁକୂଳ ରହିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରି ପରିସ୍ଥିତି ଅନୁସାରେ ବିହନ ଏବଂ ଚାରା ରୋପଣ ସାମଗ୍ରୀର ବ୍ୟବସ୍ଥା ମଧ୍ୟ ସୁନିଶ୍ଚିତ କରାଯିବ । ଇତିମଧ୍ୟରେ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସାୟରେ ନିୟୋଜିତ ବ୍ୟବସାୟୀ, ପାଇକାରୀ, ଖୁଚୁରା କିମ୍ବା ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଆଇନ୍ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେ ଆହୁରି କହିଛନ୍ତି, ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍‌ର ପ୍ରାସଙ୍ଗିକ ଧାରା ଅନୁଯାୟୀ, କଳାବଜାରୀ, ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି ।

## ରାଜ୍ୟପାଳ

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଆଣ୍ଡ ଗାଇଡ୍‌ସ୍‌ର ସଦସ୍ୟମାନେ ଏକ ଉତ୍ତମ ଭବିଷ୍ୟତର ମଶାଲ ବାହକ ହୁଅନ୍ତୁ । ଆଜି ରାଜଭବନର ନିଉ ଅଭିଷେକ ହଲ୍‌ରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍‌ର ରାଜ୍ୟ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ଆହ୍ୱାନ ଦେଇଛନ୍ତି । ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ସ୍କାଉଟ୍ ଏବଂ ଗାଇଡ୍‌ସ୍ ପୂର୍ବ ଅପେକ୍ଷା ଅଧିକ ସମର୍ପଣ,

ଶୃଙ୍ଖଳା ଏବଂ ମୂଲ୍ୟବୋଧର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ବିମାନବନ୍ଦର

ଭୁବନେଶ୍ୱର ବିମାନ ବନ୍ଦରରେ କାର୍ଯ୍ୟଧାରା ସ୍ୱାଭାବିକ ରହିଛି ବୋଲି ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। କେବଳ ଗୋଟିଏ ବିମାନ ବାତିଲ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା ନେଇ ସମସ୍ତ ପ୍ରସ୍ତୁତି ସରିଛି। ଅନ୍ୟପକ୍ଷରେ ଆଭ୍ୟନ୍ତରୀଣ ସୁରକ୍ଷାକୁ ନେଇ ଜାରି ନିର୍ଦ୍ଦେଶାବଳୀକୁ ଯାତ୍ରୀମାନଙ୍କୁ ପାଳନ କରିବା ସହ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି।

*********************************